# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 18 July - 2024

### News Editor : Itishree Singh Rathaur

**********************************

## ମୁଖ୍ୟ ସମ୍ବାଦ

- ପୁରୀ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଆଜି ପୁଣି ଥରେ ଖୋଲାଗଲା; ରତ୍ନଭଣ୍ଡାରର ସମସ୍ତ ଅଳଙ୍କାର ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌କୁ ସ୍ଥାନାନ୍ତର

- ଶ୍ରୀକ୍ଷେତ୍ରରେ ଆଜି ଅନୁଷ୍ଠିତ ହେବ ରଥାରୂଢ଼ ଠାକୁରଙ୍କ ଅଧରପଣା ନୀତି; ଆସନ୍ତାକାଲି ନୀଳାଦ୍ରିବିଜେ

- ନିଟ୍-ୟୁଜି ପରୀକ୍ଷାରେ ଅନିୟମିତତା ମାମଲାରେ ଆସନ୍ତା ଶନିବାର ସୁଦ୍ଧା ପ୍ରବେଶିକା ପରୀକ୍ଷା ଫଳ ପ୍ରକାଶ କରିବାକୁ ଏନ୍‌ଟିଏକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ଏବଂ

- ବଙ୍ଗୋପସାଗରରେ ଆସନ୍ତାକାଲି ସୁଦ୍ଧା ଲଘୁଚାପ କ୍ଷେତ୍ର ସୃଷ୍ଟି ସମ୍ଭାବନା; ପ୍ରବଳ ବର୍ଷା ହେବା ନେଇ ଚାରୋଟି ଜିଲ୍ଲାକୁ ସତର୍କ ସୂଚନା

*Puri*

## ଭିତର ରତ୍ନଭଣ୍ଡାର ଖୋଲାଯିବା

ପୁରୀ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଆଜି ପୁଣିଥରେ ଖୋଲାଯାଇଛି । ରତ୍ନଭଣ୍ଡାର ତଦାରଖ କମିଟିର ସଦସ୍ୟମାନେ ଅମୃତବେଳା ସକାଳ ୯ଟା ୫୧ ମିନିଟ୍‌ରେ ରତ୍ନଭଣ୍ଡାର ଭିତରକୁ ପ୍ରବେଶ କରିଥିଲେ । କମିଟିର ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ କହିଛନ୍ତି, ପ୍ରାୟ ସାଢ଼େ ୭ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ରତ୍ନଭଣ୍ଡାର ମଧ୍ୟରୁ ସମସ୍ତ ଅଳଙ୍କାରକୁ ଖଟସେଜ ଘରେ ନିର୍ମିତ ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌କୁ ସ୍ଥାନାନ୍ତର କରାଯାଇଛି । ଏଏସ୍‌ଆଇର ସ୍ୱତନ୍ତ୍ର ବୈଷୟିକ ଟିମ୍ ରତ୍ନଭଣ୍ଡାର ଯାଞ୍ଚ କରିବାର କାର୍ଯ୍ୟସୂଚୀ ରହିଛି ।

**- V/O -**

ସୂଚନା ଅନୁସାରେ, ଗତ ୧୪ ତାରିଖରେ ବାହାର ଓ ଭିତର ରତ୍ନଭଣ୍ଡାର ଖୋଲାଯାଇଥିଲା । ସେହିଦିନ ବାହାର ରତ୍ନଭଣ୍ଡାରର ଅଳଙ୍କାର ଅସ୍ଥାୟୀ ଷ୍ଟ୍ରଙ୍ଗରୁମକୁ ସ୍ଥାନାନ୍ତର କରାଯାଇଥିବାବେଳେ ଆଜି ଭିତର ରତ୍ନଭଣ୍ଡାର ଅଳଙ୍କାର ସ୍ଥାନାନ୍ତର କରାଯାଇଛି ।

*Puri*

## ଅଧରପଣା

ଶ୍ରୀକ୍ଷେତ୍ରରେ ଆଜି ଦ୍ୱାଦଶୀ ତିଥିରେ ରଥାରୁଢ଼ ଠାକୁରଙ୍କ ଅଧରପଣା ନୀତି ଅନୁଷ୍ଠିତ ହେଉଛି । ତିନିଠାକୁରଙ୍କ ଠାରେ ୯ଟି ମାଟି ହାଣ୍ଡିରେ ଅଧରପଣା ଲାଗି କରାଯିବ । ଭୋଗ ପରେ ହାଣ୍ଡିକୁ ଭାଙ୍ଗି ଚଣ୍ଡିଚାମୁଣ୍ଡା, ଅଶରୀରିଙ୍କ ଉଦ୍ଦେଶ୍ୟରେ ଏହି ପଣାକୁ ଉତ୍ସର୍ଗ କରାଯିବାର ବିଧି ରହିଛି ।

ନୀତିଗୁଡ଼ିକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ଲାଗି ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ରାତି ୮ଟା ସୁଦ୍ଧା ଅଧରାପଣା ନୀତି ଶେଷ ହେବ। ରାତି ୯ଟାରେ ମହାସ୍ନାନ ଏବଂ ୧୦ଟାରେ ଠାକୁରଙ୍କର ମଇଲମ ଓ ବେଶ ଅନୁଷ୍ଠିତ ହୋଇ ସନ୍ଧ୍ୟା ଆଳତୀ ସମ୍ପନ୍ନ ହେବ। ରଥାରୂଢ଼ ଠାକୁରଙ୍କୁ ଦର୍ଶନ ପାଇଁ ଆଜି ମଧ୍ୟ ପୁରୀରେ ପ୍ରବଳ ଜନସମାଗମ ହୋଇଛି। ଚତୁର୍ଦ୍ଧାମୂର୍ତ୍ତି ଆସନ୍ତାକାଲି ଶ୍ରୀମନ୍ଦିରକୁ ଗୋଟି ପହଣ୍ଡିରେ ନିଳାଦ୍ରୀବିଜେ କରିବେ।

***I&PR***

## ଧର୍ମେନ୍ଦ୍ର ପ୍ରଧାନ- ହିରକ ଜୟନ୍ତୀ

ନୂଆ ପିଢ଼ିର ଛାତ୍ରଛାତ୍ରୀଙ୍କୁ ଉଚ୍ଚକୋଟୀର ନାଗରିକଭାବେ ଗଢ଼ିତୋଳିବା ସରକାରଙ୍କ ଲକ୍ଷ୍ୟ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଆଜି କଟକ ଜିଲ୍ଲା ନିଶ୍ଚିନ୍ତକୋଇଲିସ୍ଥିତ ଅହମ୍ମଦ ବକ୍ସ ସରକାରୀ ଉଚ୍ଚବିଦ୍ୟାଳୟର ହିରକ ଜୟନ୍ତୀ ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ରାଜ୍ୟକୁ ପୁଣିଥରେ ପୂର୍ବୋଦୟର ମୁଖଶାଳା କରିବାକୁ ହେବ। ଓଡ଼ିଶାକୁ ଆଗେଇ ନେବାକୁ ହେଲେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ସହ ଶିକ୍ଷାଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

***GNR***

## ଏସ୍‌ସି - ନିଟ୍

ସୁପ୍ରିମକୋର୍ଟରେ ଆଜି ନିଟ୍-ୟୁଜି ପ୍ରବେଶିକା ପରୀକ୍ଷାରେ ଅନିୟମିତତା ମାମଲାର ଆବେଦନଗୁଡ଼ିକର ଶୁଣାଣି ହୋଇଛି। ସର୍ବୋଚ୍ଚ

ନ୍ୟାୟାଳୟ ଆସନ୍ତା ୨୦ ତାରିଖ ଶନିବାର ଦିନ ୧୨ ସୁଦ୍ଧା ନିଟ୍-ୟୁଜି ପ୍ରବେଶିକା ପରୀକ୍ଷା ଫଳ ୱେବସାଇଟ୍‌ରେ ପ୍ରକାଶ କରିବା ଲାଗି ଜାତୀୟ ପରୀକ୍ଷଣ ସଂସ୍ଥା-ଏନ୍‌ଟିଏକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୂଡ, ଜଷ୍ଟିସ ଜେ.ବି. ପର୍ଦ୍ଦିୱାଲା ଏବଂ ଜଷ୍ଟିସ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ସହରୱାରି ଏବଂ ପରୀକ୍ଷାକେନ୍ଦ୍ରୱାରି ଫଳାଫଳ ପ୍ରକାଶ କରିବା ଲାଗି ନିର୍ଦ୍ଦେଶନାମାରେ କୁହାଯାଇଛି। ସୁପ୍ରିମକୋର୍ଟରେ ଆଜି ମେଡିକାଲ ପ୍ରବେଶିକା ପରୀକ୍ଷା ସଂକ୍ରାନ୍ତ ୪୦ରୁ ଅଧିକ ଆବେଦନର ଏକତ୍ର ଶୁଣାଣି ହୋଇଥିଲା।

***Railways***

## ରେଳ ଫ୍ଲାଏଓଭର ପ୍ରକଳ୍ପ

ସମ୍ବଲପୁରରେ ରେଳ ଫ୍ଲାଏଓଭର ନିର୍ମାଣ ପାଇଁ ରେଳ ମନ୍ତ୍ରଣାଳୟ ୨୮୮ କୋଟି ୬୧ ଲକ୍ଷ ଟଙ୍କା ମଞ୍ଜୁର କରିଛି। ୮ ଦଶମିକ ୧୦ କିଲୋମିଟର ଦୂରତା ବିଶିଷ୍ଟ ଏହି ଫ୍ଲାଏଓଭର ସମ୍ବଲପୁରର ସମସ୍ତ ପାର୍ଶ୍ୱରୁ ଏକକାଳୀନ ଟ୍ରେନ୍ ଚଳାଚଳକୁ ସୁଗମ କରିବ। ଏହା ଟିଟିଲାଗଡ଼, ଅନୁଗୁଳ ଏବଂ ଝାରସୁଗୁଡ଼ା ପାର୍ଶ୍ୱକୁ ଏକ ସମୟରେ ପ୍ରତିବନ୍ଧ ମୁକ୍ତ କରିବା ପାଇଁ ସୁନିଶ୍ଚିତ କରିବ। ଏହି ପ୍ରକଳ୍ପ ନିର୍ମାଣ ଭାରତୀୟ ରେଳବାଇର ଏନର୍ଜି କରିଡରର ଏକ ଅଂଶ ବୋଲି ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି।

*I&PR*

## ଉପମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ରାଜ୍ୟ ମହିଳା ଶିଶୁ ପ୍ରତିଷ୍ଠାନରେ ରାଜ୍ୟସ୍ତରୀୟ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ସମୀକ୍ଷା ବୈଠକରେ ଯୋଗଦେଇ ଅପପୁଷ୍ଟି ଦୂର କରିବା ଅଭିଯାନରେ ସମସ୍ତେ ସାମିଲ ହେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ଅଧିକ ପୁଷ୍ଟିହୀନତା ଜିଲ୍ଲାଗୁଡ଼ିକୁ ଚିହ୍ନଟ କରାଯାଇ ପୁଷ୍ଟିହୀନତା ମୁକ୍ତ ଜିଲ୍ଲା ଭାବେ ପରିଣତ କରିବାକୁ ଶ୍ରୀମତୀ ପରିଡ଼ା ଗୁରୁତ୍ୱାରୋପ କରିଛନ୍ତି। ମହିଳା ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟ ଓ ପୋଷଣ ରାଜ୍ୟ ସରକାରଙ୍କ ପ୍ରାଥମିକତା ବୋଲି ସେ କହିଛନ୍ତି। ଏ କ୍ଷେତ୍ରରେ ଅନିୟମିତତା ହେଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ଦେବା ବିଷୟରେ ଜନସଚେତନତା ସୃଷ୍ଟି କରିବା ପାଇଁ ଶ୍ରୀମତୀ ପରିଡ଼ା ଗୁରୁତ୍ୱ ଦେଇଛନ୍ତି।

*I&PR*

## ମନ୍ତ୍ରୀଙ୍କ ଆହାର କେନ୍ଦ୍ର ପରିଦର୍ଶନ

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ପାତ୍ର ଆଜି କ୍ୟାପିଟାଲ ହସ୍‌ପିଟାଲ ପରିସରରେ ଥିବା ଆହାର କେନ୍ଦ୍ରକୁ ଅଚାନକ ପରିଦର୍ଶନ କରିଥିଲେ। ମନ୍ତ୍ରୀ ଆହାର କେନ୍ଦ୍ରରେ ଧାଡ଼ିରେ ରହି କୁପନ୍ କିଣି ଲୋକଙ୍କ ବସି ଭୋଜନ କରିଥିଲେ। ଏହି ସମୟରେ ସେ ଲୋକମାନଙ୍କ ସହ ଖାଦ୍ୟର ଗୁଣବତ୍ତା ସମ୍ପର୍କରେ ଆଲୋଚନା କରିଥିଲେ। ଡକ୍ଟର ପାତ୍ର ଆହାର କେନ୍ଦ୍ରର ପରିଷ୍କାର ପରିଚ୍ଛନ୍ନତା ଓ ଖାଦ୍ୟର ଗୁଣବତ୍ତା

ଉପରେ ଗୁରୁତ୍ୱ ଦେବା ପାଇଁ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ୨୦୧୫ ମସିହା ଏପ୍ରିଲ ପହିଲାରେ ଆହାର ଯୋଜନା ଆରମ୍ଭ ହୋଇଥିଲା। ବର୍ତ୍ତମାନ ରାଜ୍ୟର ୧୧୫ଟି ସହରାଞ୍ଚଳରେ ୧୬୮ଟି ଆହାର କେନ୍ଦ୍ର ରହିଛି।

***I&PR***

## ମନ୍ତ୍ରୀଙ୍କ ସମୀକ୍ଷା

ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ଆଜି ବିଭାଗୀୟ କାର୍ଯ୍ୟଗୁଡ଼ିକର ସମୀକ୍ଷା କରିଛନ୍ତି। ବୈଠକରେ ଶ୍ରୀ ନାଏକ ପ୍ରତି ନିର୍ମାଣ କାର୍ଯ୍ୟର ଗୁଣାତ୍ମକମାନ ଉପରେ ଧ୍ୟାନ ଦେବା ସହ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

***Nayagarh***

## ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ବୈଠକ

ନୟାଗଡ଼ଠାରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବୈଠକରେ  ପାନୀୟ ଜଳ ଓ ପରିମଳ, ଗ୍ରାମ୍ୟ ଉନ୍ନୟନ, ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା ଓ ଗୃହ ନିର୍ମାଣ ଆଦି ବିଭାଗର କାର୍ଯ୍ୟର ସମୀକ୍ଷା କରାଯାଇଛି। ସାଂସଦ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ବ୍ଲକ ଉନ୍ନୟନ ଅଧିକାରୀ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

*Puri*

## ବିଜେପି କାର୍ଯ୍ୟକାରିଣୀ ବୈଠକ

ପୁରୀରେ ଆସନ୍ତାକାଲିଠାରୁ ଦୁଇଦିନିଆ ବିଜେପି କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ । ବୈଠକରେ ରାଜ୍ୟ ବିଜେପିର ସମସ୍ତ ନେତୃବୃନ୍ଦ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏଥିରେ ସମସ୍ତ ସାଂସଦ, ବିଧାୟକଙ୍କ ସମେତ ପ୍ରଭାରୀମାନେ ଯୋଗଦେବେ । କାର୍ଯ୍ୟକ୍ରମରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ଯୋଗଦେଇ ଦଳର ସାଂଗଠନିକ ସ୍ଥିତି ଏବଂ ରାଜ୍ୟରେ ଉନ୍ନତିମୂଳକ କାର୍ଯ୍ୟକ୍ରମକୁ ନେଇ ଆଲୋଚନା କରିବେ ।

*Desk*

## ସ୍ନାତକୋତ୍ତର ପାଠ୍ୟକ୍ରମ ନାମଲେଖା

ଚଳିତ ଶିକ୍ଷାବର୍ଷ ସ୍ନାତକ ପାଠ୍ୟକ୍ରମରେ ତୃତୀୟ ପର୍ଯ୍ୟାୟ ନାମଲେଖା ଆଜିଠାରୁ ଆରମ୍ଭ ହୋଇଛି । ଛୁଟିଦିନ ବ୍ୟତୀତ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଜାରି ରହିବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ତୃତୀୟ ପର୍ଯ୍ୟାୟ ନାମଲେଖା ପାଇଁ ମୋଟ ୪୪ ହଜାର ୬୦ ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୧୯ ହଜାର ୧୮୧ ଜଣ ଛାତ୍ର ଏବଂ ୨୪ ହଜାର ୮୭୮ ଜଣ ଛାତ୍ରୀ ରହିଛନ୍ତି । ବିଜ୍ଞାନ ପାଇଁ ୧୪ ହଜାର ୩୨୩ ଜଣ, କଳାରେ ୨୫ ହଜାର ୭୯୧, ବାଣିଜ୍ୟରେ ୨ ହଜାର ୮୮୦, ଶାସ୍ତ୍ରୀ ପାଠ୍ୟକ୍ରମରେ ୧୯୮ ଏବଂ ସେଲଫ୍ ଫାଇନାନ୍ସିଂ ୮୧୬ ଜଣ, ଆଇନ ପାଠ୍ୟକ୍ରମରେ ୪୩ ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି ।

ସୂଚନାଯୋଗ୍ୟ, ସ୍ନାତକ ପାଠ୍ୟକ୍ରମର ପ୍ରଥମ ବର୍ଷ  ପାଇଁ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପରେ ୧ ଲକ୍ଷ ୫୩ ହଜାର ୩୪୭ଟି ସିଟ୍ ଖାଲି ପଡ଼ିଛି ।

***MET***

## ପାଣିପାଗ

ପଶ୍ଚିମ କେନ୍ଦ୍ରୀୟ ଏବଂ ତତ୍‌ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଆସନ୍ତାକାଲି ସୁଦ୍ଧା ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆଜିଠାରୁ ରାଜ୍ୟରେ ବିଭିନ୍ନ ଅଞ୍ଚଳରେ ମଧ୍ୟମରୁ ପ୍ରବଳ ବର୍ଷା ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ମାଲକାନଗିରି, ଗଞ୍ଜାମ ଓ ଗଜପତି ଜିଲ୍ଲାର କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଖୋର୍ଦ୍ଧା, ନୟାଗଡ଼ ଓ ପୁରୀ ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି ।

*****